# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29th August - 2024

### News Editor : *Tapan Kumar Maharana*

*********************************

## ମୁଖ୍ୟ ସମ୍ବାଦ

- ଜାତୀୟ କ୍ରୀଡ଼ା ଦିବସ ଅବସରରେ ଯୋଗ୍ୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଦାନ କଲେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ।

- ଅନୁଗୁଳ ଜିଲ୍ଲାରେ ବିଶ୍ୱସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ସାଂସଦ ନବୀନ ଜିନ୍ଦଲଙ୍କୁ ପ୍ରସ୍ତାବ ଦେଲେ ମୁଖ୍ୟମନ୍ତ୍ରୀ ।

- ବାର୍ଡ଼ ଫ୍ଲୁରେ କୌଣସି ବ୍ୟକ୍ତି ସଂକ୍ରମିତ ହୋଇ ନାହାନ୍ତି, କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ଏବଂ

- ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ଆସନ୍ତାମାସ ୯ ତାରିଖ ସରକାରୀ ଛୁଟି ଭାବେ ଘୋଷଣା ।

*Desk*

# କ୍ରୀଡ଼ା ପୁରସ୍କାର

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ରାଜ୍ୟ ସରକାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଏବଂ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି । ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହକିତାରକା ଲାଜରୁସ୍ ବାର୍ଲାଙ୍କୁ ଜୀବନବ୍ୟାପୀ ସାଧନାପାଇଁ ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଛନ୍ତି । ଏଥିସହ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଜାଭେଲିନ୍ ଥ୍ରୋ’, ଶ୍ରେଷ୍ଠ ହକି ପ୍ରଶିକ୍ଷକ, ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ମହମ୍ମଦ ଜାଫର୍ ଇକ୍‌ବାଲ୍, ଭାରୋତ୍ତୋଳନ ସହିତ ଅନ୍ୟ କ୍ରୀଡ଼ାବିତ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି ।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ନିମପୁର ଗ୍ରାମର ମା’ ଜୟନ୍ତୀ ମଲ୍ଲିକ୍ ଓ ତାଙ୍କ ପୁତ୍ର ରୁଦ୍ରପ୍ରସାଦ ମଲ୍ଲିକଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି ।

*HS*

# ବିଶ୍ୱସ୍ତରୀୟ ଷ୍ଟାଡିୟମ୍

ଅନୁଗୋଳ ଜିଲ୍ଲାରେ ଗୋଟିଏ ବିଶ୍ୱସ୍ତରୀୟ ଷ୍ଟାଡିଅମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିନ୍ଦଲ୍ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲଙ୍କୁ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗ୍ରାମାଞ୍ଚଳରେ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ଦେବାକୁ ଉପଯୁକ୍ତ ଭିତ୍ତିଭୂମିର ଆବଶ୍ୟକତା ରହିଛି ।

ଲୋକସେବା ଭବନଠାରେ ଆଜି ଏକ ସୌଜନ୍ୟମୂଳକ ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀ କ୍ରୀଡ଼ାକ୍ଷେତ୍ରର ବିକାଶ ଲାଗି ଆଲୋଚନା କରିଥିଲେ । ଏଥିସହ ରାଜ୍ୟରେ ଶିଳ୍ପର ବିକାଶ ପାଇଁ ଶ୍ରୀ ଜିନ୍ଦଲଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହିତ ଆଗାମୀ ସଂପ୍ରସାରଣ ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

*Desk*

# ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଭାରତ ନିର୍ଦ୍ଦେଶକ ଏଲିଜାବେଥ୍ ଫୌର୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ଏହି

ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଖାଦ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା କିଭଳି ଉପକୃତ ହେବ, ସେନେଇ ଆଲୋଚନା କରାଯିବା ସହ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଅନ୍ନ ଯୋଜନାର ରୂପରେଖ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧିଦଳ ଉପସ୍ଥାପନ କରିଥିଲେ ।

***HS***

## ଜଳ ପ୍ରକଳ୍ପ

ଅନୁଗୁଳ ଜିଲ୍ଲାର ହିଡ଼ସିଙ୍ଗଠାରେ ପ୍ରସ୍ତାବିତ ଜଳ ପ୍ରକଳ୍ପ ରିପୋର୍ଟ କେନ୍ଦ୍ରୀୟ ଜଳ ଆୟୋଗଠାରେ ଦାଖଲ କରାଯାଇଛି ବୋଲି ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ କହିଛନ୍ତି । ଏହି ପ୍ରକଳ୍ପପାଇଁ ଜଙ୍ଗଲ ଓ ପରିବେଶ ମଞ୍ଜୁରି ମିଳିବା ସକାଶେ କାର୍ଯ୍ୟ ଜାରି ରହିଛି । ମଞ୍ଜୁରି ମିଳିବା ପରେ ବୈଷୟିକ ଓ ଆନୁଷଙ୍ଗିକ କାର୍ଯ୍ୟ ସହିତ ଟେଣ୍ଡର୍ ଆହ୍ୱାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

***Puri/R***

# ଶ୍ରୀମନ୍ଦିର ଅର୍ଥ ସବ୍‌କମିଟି ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅର୍ଥ ସବ୍-କମିଟି ବୈଠକ ଆରମ୍ଭ ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଚଳିତ ଆର୍ଥିକ ବର୍ଷର ଆୟ-ବ୍ୟୟ ସମ୍ପର୍କରେ ଆଲୋଚନା କରାଯାଇ ବଜେଟ୍ ପ୍ରସ୍ତୁତ କରାଯିବ । ତେବେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ଆଜି ଆଲୋଚିତ ବଜେଟ୍ ଉପସ୍ଥାପିତ କରାଯାଇ ଅନୁମୋଦନ କରାଯିବ ।

***HS***

# ବାର୍ଡ଼ ଫ୍ଲୁ

ବାର୍ଡ ଫ୍ଲୁରେ ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସଂକ୍ରମିତ ହୋଇ ନାହାନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେଉଁମାନଙ୍କ ନମୁନା ପରୀକ୍ଷା ପାଇଁ ଯାଇଥିଲା, ତାହା ନେଗେଟିଭ ଆସିଛି। ସଂକ୍ରମଣ ଦୃଷ୍ଟିରୁ ଜଣଙ୍କୁ ସଙ୍ଗରୋଧରେ ରଖାଯାଇଛି। ବାର୍ଡ ଫ୍ଲୁ ନେଇ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ସଜାଗ ରହିଛି। ଏଥିସହ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ

କରାଯାଇଛି । ଏହାକୁ ନେଇ ଆତଙ୍କିତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

***Voice :.............***

ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ଆହୁରି କହିଛନ୍ତି, ବାର୍ଡ ଫ୍ଲୁକୁ ଦୃଷ୍ଟିରେ ରଖି ଇତି ମଧ୍ୟରେ ୩୦ ହଜାର କୁକୁଡ଼ାଙ୍କୁ ମରାଯାଇଛି । ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ବାବଦରେ ଛୋଟ କୁକୁଡ଼ାକୁ ୨୦ ଓ ବଡ଼ କୁକୁଡ଼ାକୁ ୭୦ ଟଙ୍କା ପ୍ରଦାନ କରାଯିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି ।

***BBSR/R***

# ନୂଆଖାଇ - ଛୁଟି ଘୋଷଣା

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଆସନ୍ତା ୯ ତାରିଖକୁ ସରକାରୀ ଛୁଟି ଭାବେ ଘୋଷଣା କରିଛନ୍ତି । ନୂଆଖାଇ ସେପ୍ଟେମ୍ବର ୮ ତାରିଖ ରବିବାର ପଡୁଥିବାରୁ ଏହାର ପରଦିନ ଅର୍ଥାତ୍ ୯ ତାରିଖ ସୋମବାର ଦିନକୁ ମଧ୍ୟ ସରକାର ଛୁଟି ଘୋଷଣା କରିଛନ୍ତି । ଏହି ଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ, କୋର୍ଟ ଏବଂ ଶିକ୍ଷାନୁଷ୍ଠାନ ବନ୍ଦ୍ ରହିବ ।

*Boudh/R*

# ନୂଆଖାଇ - ଲଗ୍ନଧାର୍ଯ୍ୟ

ବୌଦ୍ଧ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କଠାରେ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଛି । ପଣ୍ଡିତ ମଣ୍ଡଳୀ ଆଲୋଚନା କରିବା ପରେ ଚଳିତ ନୂଆଖାଇପାଇଁ ଆସନ୍ତା ୮ ତାରିଖ ରବିବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିର ସକାଳ ୯ଟା ୪୨ ମିନିଟ୍‌ରୁ ୯ଟା ୫୬ ମିନିଟ୍ ମଧ୍ୟରେ ଲଗ୍ନ ଧାର୍ଯ୍ୟ କରିଛନ୍ତି । ମା’ ଭୈରବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଲାଗି ହେବା ପରେ ଅନ୍ୟ ଦେବଦେବୀଙ୍କ ପୀଠାରେ ନବାନ୍ନ ଅର୍ପଣ କରାଯିବ । ଏହାପରେ ଲୋକେ ନିଜ ନିଜ ଇଷ୍ଟଦେବୀଙ୍କୁ ନବାନ୍ନ ଅର୍ପଣ କରି ନିଜେ ଗ୍ରହଣ କରିବେ ।

*Nabarangpur/R*

# ମୁଖ୍ୟମନ୍ତ୍ରୀ - ସହାୟତା

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍‌ର କୁଟୁବାଲ୍ ଗ୍ରାମ ପଞ୍ଚାୟତର ଛାଲିପିଟା ଗ୍ରାମର ଦୁଇ ଶିଶୁଙ୍କୁ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଦୁଇ ଶିଶୁ ଡି.ଏମ୍.ଡି. ବା ମାଂସପେଶୀଜନିତ ବିରଳ ରୋଗରେ ପୀଡ଼ିତ । ପରିବାରବର୍ଗଙ୍କ ଆର୍ଥିକ

ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଦୁଇ ଶିଶୁଙ୍କୁ ଉପଯୁକ୍ତ ଚିକିତ୍ସାପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ସହାୟତା ପ୍ରଦାନ କରାଯାଇଛି ।

***Kalahandi/R***

# ସହାୟତା ରାଶି ପ୍ରଦାନ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଶ୍ରମିକ ସହାୟତା ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସଚିନ୍ ପାୱାରଙ୍କ ଅଧ୍ୟକ୍ଷତାରେ ମୋଟ୍ ୬୬୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୋଟ୍ ୫ କୋଟି ୩୯ ଲକ୍ଷ ୫୦ ହଜାର ୨୦୦ ଟଙ୍କା ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରେ ୨୧୬ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ବାବଦରେ ୪ କୋଟି ୩୦ ଲକ୍ଷ ଟଙ୍କା, ୧୯୪ ଜଣଙ୍କୁ ବିବାହ ସହାୟତା ରାଶି ବାବଦରେ ୯୪ ଲକ୍ଷ ୫୦ ହଜାର ଟଙ୍କା, ଶିକ୍ଷା ସହାୟତା ବାବଦରେ ୫୫ ଜଣଙ୍କୁ ୪ ଲକ୍ଷ ୬୫ ହଜାର ୨୦୦ ଟଙ୍କା ଏବଂ ପ୍ରସୂତୀକାଳୀନ ସହାୟତା ବାବଦରେ ୧୦ ଜଣଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

*Desk*

# କାଳୀୟଦଳନ ବେଶ

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି କାଳୀୟଦଳନ ବେଶ ଅନୁଷ୍ଠିତ ହେଉଛି । ମଧ୍ୟାହ୍ନ ଧୂପ ପରେ ଅନ୍ୟାନ୍ୟ ନୀତିକାନ୍ତି ସହ ମାର୍କଣ୍ଡ ପୁଷ୍କରିଣୀ ଠାରେ ଶ୍ରୀଜୀଉଙ୍କ କାଳୀୟ ଦଳନ ଲୀଳା ଚାଲିଛି । ସେଠାରୁ ବାହୁଡ଼ା ବିଜେ ପରେ ରତ୍ନସିଂହାସନ ଉପରେ ଶ୍ରୀଜୀଉଙ୍କୁ କାଳୀୟ ଦଳନ ବେଶରେ ସଜ୍ଜିତ କରାଯିବ ।

*HS*

# ନନ୍ଦନକାନନ - ସିଂହ ଶାବକ

ନନ୍ଦନକାନନରେ ସିଂହୀ ବିଜିଲି ୫ଟି ଶାବକ ଜନ୍ମ ଦେଇଛି। ଫଳରେ ନନ୍ଦନକାନନରେ ଏସୀୟ ସିଂହଙ୍କ ସଂଖ୍ୟା ୧୮କୁ ବୃଦ୍ଧି ପାଇବା ସହ ମୋଟ ସିଂହ ସଂଖ୍ୟା ୨୫ରେ ପହଞ୍ଚିଛି ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

*Bhadrak/R*

# ଆଇନ ସଚେତନତା କର୍ମଶାଳା

ଭଦ୍ରକ ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଆଇନଜୀବୀମାନେ ଯୋଗଦେଇ ସବୁ ବର୍ଗର ଲୋକଙ୍କୁ ସମାନ ଭାବେ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

*PR*

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଷୋଡ଼ଶ ପ୍ରତିଷ୍ଠା ଦିବସ ସୁନାବେଡ଼ାଠାରେ ଆଜି ପାଳିତ ହୋଇଯାଇଛି । ଏହି ଅବସରରେ  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତ୍ତାରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ପଶ୍ଚିମବଙ୍ଗର ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ପ୍ରଫେସର ଡି.ଏନ୍. ରମେଶ ପ୍ରତିଷ୍ଠା ଦିବସର ଅଭିଭାଷଣ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟରେ ଆଦିବାସୀ ସଂସ୍କୃତି ସମ୍ପର୍କରେ ଜ୍ଞାନର ଆଦାନ ପ୍ରଦାନ

ପାଇଁ ଏକ ଆଦିବାସୀ ସଂଗ୍ରହାଳୟ ଓ ପାଠାଗାର ଖୋଲିବାକୁ ଉଦ୍ୟମ କରାଯିବ ବୋଲି କୁଳପତି ପ୍ରଫେସର ତ୍ରିପାଠୀ କହିଛନ୍ତି ।

***Sambalpur, Keonjhar, Malkangiri, Bhadrak, Deogarh/R***

## କ୍ରୀଡ଼ା ଦିବସ

ସମଗ୍ର ଦେଶରେ ଆଜି ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି । କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ ।

ମେଜର ଧ୍ୟାନଚାନ୍ଦଙ୍କ ଅଧିନାୟକତ୍ୱରେ ଭାରତ ୩ ଥର ଲଗାତାର ଭାବେ ୧୯୨୮, ୧୯୩୨ ଏବଂ ୧୯୩୬ ମସିହାରେ ହକିରେ ଅଲିମ୍ପିକ୍ସ ପଦକ ଜିତିଥିଲା । ୧୯୩୬ ମସିହାରେ ବର୍ଲିନଠାରେ ହୋଇଥିବା ହକି ଖେଳ ଦେଖି ହିଟ୍ଲର ଆଶ୍ଚର୍ଯ୍ୟ ହେବା ସହିତ ଜର୍ମାନୀର ନାଗରିକତ୍ୱ ଗ୍ରହଣ ପାଇଁ ମେଜର ଧ୍ୟାନଚାନ୍ଦଙ୍କୁ ଅନୁରୋଧ କରିଥିଲେ । ୧୯୨୬ରୁ ୧୯୪୮ ମସିହା ମଧ୍ୟରେ ଧ୍ୟାନଚାନ୍ଦ ୪୦୦ରୁ ଅଧିକ ଗୋଲ୍ ସ୍କୋର କରିଥିଲେ । ଲୋକମାନଙ୍କ ମଧ୍ୟରେ ହକି ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଉଛି ।

ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁରଠାରେ ମିନି ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାକ୍ଷେତ୍ରରେ ଜିଲ୍ଲାକୁ ଆହୁରି ଆଗେଇ ନେବାପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଏହି ମିନି ମାରାଥନ୍ କାର୍ଯ୍ୟକ୍ରମ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସୁସ୍ଥ ଓ ନିରୋଗ ରଖିବାରେ ଏକ ମାଧ୍ୟମ ବୋଲି କହିଛନ୍ତି ।

କେନ୍ଦୁଝରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ବିଶାଲ୍ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଓ୍ୱାକଥନ୍ ଆୟୋଜିତ ହୋଇଯାଇଛି । କ୍ରୀଡ଼ା' ସୁସ୍ଥ ଶରୀର ଓ ମନକୁ ବିକଶିତ କରିବା ସହ ଦଳଗତ ସମନ୍ୱୟ ଓ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରତିବଦ୍ଧତା ଶିଖାଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।

ଭଦ୍ରକଠାରେ ଆୟୋଜିତ କ୍ରୀଡ଼ା ଦିବସରେ ଜିଲ୍ଲାପାଳ ଦିଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

ମାଲକାନଗିରି ଓ ଦେବଗଡ଼ଠାରେ ମଧ୍ୟ ଛାତ୍ରଛାତ୍ରୀମାନେ କ୍ରୀଡ଼ା ପ୍ରତି ଆକୃଷ୍ଟ ହେବାକୁ ଆହ୍ୱାନ କରାଯାଇଥିଲା ।

*****